# ରେଙ୍ଗାଲି ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି

ସଂରକ୍ଷଣ ବିମୋଚନ (De-reservation) ମୋକଦ୍ଦମା ସଂଖ୍ୟା ୦୭/୨୦୨୫

## ସର୍ବସାଧାରଣ ଇସ୍ତାହାର

ପ୍ରୋସେସ ସଂଖ୍ୟା. ୯୭୫ ତାରିଖ: ୧୯.୦୬.୨୦୨୫

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା – ଲପଙ୍ଗା ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ, ରେଙ୍ଗାଲି, ସରକାରୀ ପ୍ରାଥମିକ ବିଦ୍ୟାଳୟ, ମଳିଆଟିକରା ଦଖଲରେ ଥିବା ସରକାରୀ ଜମି ର ନିୟମିତିକରଣ ନିମନ୍ତେ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମି ସରକାରୀ "ଆବାଦ ଯୋଗ୍ୟ ଅନାବାଦି " ଖାତାରେ କିସମ "ପତିତ" ଥାଇ "ଓଡ଼ିଶା ଜବାନ ମାନଙ୍କ ନିମନ୍ତେ ସଂରକ୍ଷିତ" ରେକର୍ଡ ଥିବାରୁ ଉକ୍ତ ଜମିକୁ ଆବେଦନକାରୀ ଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ସଂରକ୍ଷଣ ବିମୋଚନର ଆବଶ୍ୟକ ପଡୁଅଛି ଓ ତତ ଅନୁଯାଇ ପଦକ୍ଷେପ ନିଆ ଯିବ ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର)ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଆକାରରେ ଟ. ୨୦/- କୋର୍ଟ ଫି ସହିତ ଅଭିଯୋଗ ଦେବାପାଇଁ ଅନୁରୋଧ କରାଯାଉଅଛି । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ପ୍ରସ୍ତାବିତ ରକବା | କିସମ | ମନ୍ତବ୍ୟ |
|---|---|---|---|---|---|---|
| ଲପଙ୍ଗା | ୩୭୨ (ଆ. ଯୋ. ଅ. ) | ୨୩୫୧ ରୁ | ୮.୦୫ | ୦.୪୨୦ | ପତିତ | ଓଡ଼ିଶା ଜବାନ ମାନଙ୍କ ନିମନ୍ତେ ସଂରକ୍ଷିତ |
| ମୋଟ | ୧ ଖାତା | ୧ ପ୍ଲଟ | ୮.୦୫ | ୦.୪୨୦ | | |

ତହସିଲଦାର,ରେଙ୍ଗାଲି

ଜ୍ଞାପକ ସଂଖ୍ୟା ୯୭୬ ତା: ୦୯.୦୬.୨୦୨୫

ତହସିଲଦାର
ରେଙ୍ଗାଲି,ସମ୍ବଲପୁର

ଏହାର ଏକ କିତା ନକଲ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରିକରିବା ପାଇଁ ଓ ରାଜସ୍ୱ ନିରୀକ୍ଷକ ଲପଙ୍ଗାଙ୍କ କାର୍ଯ୍ୟାଳୟ / ଗ୍ରାମ ପଞ୍ଚାୟତ ଲପଙ୍ଗା ଏବଂ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ଣ୍ଣନ୍ସ ପରିଚାଳକ , ସମ୍ବଲପୁରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ଏବଂ ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣା କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାର କୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର,ରେଙ୍ଗାଲି

ତହସିଲଦାର
ରେଙ୍ଗାଲି,ସମ୍ବଲପୁର